# CSI-SIG e-Governance AWARD OF EXCELLENCE for "SMART WATER MANAGEMENT IN PURI CITY"







The 18th CSI SIG e-Governance AWARD Ceremony was held at Lucknow, Uttar Pradesh on 12th Febuary 2021. In this event, the "Smart Water Management Under Drink From Tap in Puri City" project under Housing & Urban Development Department, Govt. of Odisha was awarded with the "Award of Excellence" in the National Level. The award has been given to the H & UD Department and National Informatics Centre (NIC), Odisha.




**Hon'ble Chief Minister of Uttar Pradesh, Shri Yogi Adityanath** presented the award to Smt. Kabita Roy Das, Deputy Director General & SIO, NIC, Odisha, Shri. P. K Swain, MD, WATCO, Odisha, Shri. Lalatendu Dash, Senior Technical Director, NIC, Odisha and Shri. Sarat Chandra Mishra, General Manager, WATCO, Puri.

NIC has been providing consultancy and technical assistance to WATCO, H & UD Dept towards the real time data acquisition by use of automation and Industrial Internet of Things for water supply services such as 24x7 water supply with constant pressure and proper water quality. The Real time data from field on Water pressure, water volume, water quality, reservoir level and equipment running status are transferred to National Data Centre (NDC) of NIC and the stored data is used for analysis and reporting. This Real time Smart Water Management application which has been implemented in four zones of Puri city (such as Masani Chandi, Baliapanda, Badadanda & Jagannath temple) has benefitted the consumers of Puri city towards getting adequate water, pure and sure water reducing the water supply related complaints and maintaining proper standards of quality.

Among the participating e-Governance projects from various states, "Smart Water Management in Puri City" was selected for the best category of award i.e "Award of Excellence" which is a proud moment for Odisha.

## Media Clippings



# ପୁରୀକୁ ଜାତୀୟ ପୁରସ୍କାର

**'ଆୱାର୍ଡ ଅଫ୍ ଏକ୍ସେଲେନ୍ସ' ପ୍ରଦାନ**

**ୱାଟ୍କୋର 'ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ' ଅନ୍ୟତମ ଶ୍ରେଷ୍ଠ ପ୍ରକଳ୍ପ**

## ପୁରୀ ସହରରେ କାର୍ଯ୍ୟରତ ସ୍ମାର୍ଟ ୱାଟର ପରିଚାଳନାକୁ

# ଜାତୀୟସ୍ତରରେ 'ଆୱାର୍ଡ ଅଫ ଏକ୍ସେଲେନ୍ସ' ପୁରସ୍କାର




ଭୁବନେଶ୍ୱର, ୧୬।୨(ବ୍ୟୁରୋ): କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ୧୮ତମ ସିଏସ୍‌ଆଇ-ଏସ୍‌ଆଇଜିର ଇ-ଗଭର୍ଣ୍ଣାନ୍ସ ଆୱାର୍ଡ ଉତ୍ସବ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଗତ ୧୨ତାରିଖରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ୱାଟ୍‌କୋ ପୁରୀ ଡିଭିଜନ ତରଫରୁ ପୁରୀ ସହରରେ କାର୍ଯ୍ୟକାରୀ କରାଯାଇଥିବା 'ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ଅଣ୍ଡର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'କୁ ଦେଶର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର 'ଆୱାର୍ଡ ଅଫ ଏକ୍ସେଲେନ୍ସ' ପ୍ରଦାନ କରାଯାଇଛି।

ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ଦ୍ୱାରା ପୁରୀ ସହରାଞ୍ଚଳର ମଶାଣିଚଣ୍ଡୀ ଓ ବଳିଆପଣ୍ଡା ଜୋନ୍‌ରେ ଚବିଶ ଘଣ୍ଟିଆ ଜଳଯୋଗାଣ କରାଯାଉଛି। ଏଥି ସହିତ ଉପଯୁକ୍ତ ଚାପ ଓ ଜଳର ମାନ ନିୟନ୍ତ୍ରଣ କରି ପାନୀୟ ଜଳ ଯୋଗାଣରେ ନଗର ଉନ୍ନୟନ ବିଭାଗର ୱାଟ୍‌କୋକୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ବୈଷୟିକ ସହାୟତା ଓ ପରାମର୍ଶ ଯୋଗାଇ ଦେଇଆସୁଛି। ଏହି ପୁରସ୍କାର ୱାଟ୍‌କୋ ତରଫରୁ ଏମ୍‌ଡି ଶ୍ରୀ ପି କେ ସ୍ୱାଇଁ ଓ ଜିଏମ୍ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ଗ୍ରହଣ କରିଥିବା ବେଳେ ଏନ୍ ଆଇ ସି ତରଫରୁ ଉପ ମହାନିର୍ଦ୍ଦେଶକ ଓ ରାଜ୍ୟ ସୂଚନା ଅଧିକାରୀ ଶ୍ରୀମତୀ କବିତା ରାୟ ଦାସ ଓ

# ସ୍ମାର୍ଟ ୱାଟର ପରିଚାଳନାକୁ 'ଆୱାର୍ଡ ଅଫ୍ ଏକ୍ସଲେନ୍ସ' ପୁରସ୍କାର

ଭୁବନେଶ୍ୱର, ୧୬।୨/ଏନ୍‌ଏନ୍‌ଏସ୍: କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ୧୮ତମ ସିଏସ୍‌ଆଇ-ଏସ୍‌ଆଇଜିର ଇ-ଗଭର୍ଣ୍ଣାନ୍ସ ଆୱାର୍ଡ ଉତ୍ସବ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଗତ ୧୨ତାରିଖରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ୱାଟ୍‌କୋ ପୁରୀ ଡିଭିଜନ ତରଫରୁ ପୁରୀ ସହରରେ କାର୍ଯ୍ୟକାରୀ କରାଯାଇଥିବା 'ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ଅଣ୍ଡର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'କୁ ଦେଶର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର 'ଆୱାର୍ଡ ଅଫ୍ ଏକ୍ସଲେନ୍ସ'ରେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଏହାର ବୈଷୟିକ ସହଯୋଗୀ ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି)କୁ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଦାନ କରିଛନ୍ତି। ଅଟୋମେସନ୍ ଓ ଆଇଓଟି ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ଦ୍ୱାରା ପୁରୀ ସହରାଞ୍ଚଳର ମଶାଣିଚଣ୍ଡୀ ଓ ବଳିଆପଣ୍ଡା ଜୋନ୍‌ରେ ୨୪ ଘଣ୍ଟିଆ ଜଳଯୋଗାଣ ସହିତ ଉପଯୁକ୍ତ ଚାପ ଓ ଜଳର ମାନ ନିୟନ୍ତ୍ରଣ କରି ପାନୀୟଜଳ ଯୋଗାଇ ଦେବାରେ ନଗର ଉନ୍ନୟନ ବିଭାଗର ୱାଟ୍‌କୋକୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ବୈଷୟିକ ସହାୟତା ଓ ପରାମର୍ଶ ଯୋଗାଇଦେଇ ଆସୁଛି। ଅତି କମ୍ ବ୍ୟବଧାନରେ ଆସୁଥିବା ପାନୀୟଜଳ ସମ୍ବନ୍ଧୀୟ ଚାପ, ପରିମାଣ, ଜଳରମାନ, ଟାଙ୍କିର ୱାଟର୍ ଲେଭଲ୍ ଓ ଜଳଯୋଗାଣ ସମ୍ବନ୍ଧୀୟ ସ୍ମାର୍ଟ ଯନ୍ତ୍ରାଂଶର ବିବରଣୀ ଇତ୍ୟାଦି ତଥ୍ୟକୁ ରିଅଲ ଟାଇମ୍ ଆଧାରରେ ନ୍ୟାସନାଲ ଡାଟା ସେଣ୍ଟର (ଏନ୍‌ଆଇସି)ରେ ଗଚ୍ଛିତ ରଖାଯାଉଛି ଓ ତାହାର ବିଶ୍ଳେଷଣ କରାଯାଇ ରିପୋର୍ଟ ପ୍ରସ୍ତୁତ ହେଉଛି। ଏହି ପୁରସ୍କାର ୱାଟ୍‌କୋ ତରଫରୁ ଏମ୍‌ଡି ପି.କେ. ସ୍ୱାଇଁ ଓ ଜିଏମ୍ ଶରତ ଚନ୍ଦ୍ର ମିଶ୍ର ଗ୍ରହଣ କରିଥିବାବେଳେ ଏନ୍‌ଆଇସି ତରଫରୁ ଉପମହାନିର୍ଦ୍ଦେଶକ ଓ ରାଜ୍ୟ ସୂଚନା ଅଧିକାରୀ କବିତା ରାୟ ଦାସ ଓ ବରିଷ୍ଠ ନିର୍ଦ୍ଦେଶକ ଲଲାଟେନ୍ଦୁ ଦାଶ ଗ୍ରହଣ କରିଥିଲେ।



# ପୁରୀ ସ୍ମାର୍ଟ ୱାଟର ପରିଚାଳନାକୁ 'ଆୱାର୍ଡ ଅଫ ଏକ୍ସେଲେନ୍ସ' ପୁରସ୍କାର